# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୧୪ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୦୭ ତାରିଖ: ୧୭.୦୨.୨୦୨୬

## ଜିଲ୍ଲା – ବରଗଡ଼

## ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୧.୦୨.୨୦୨୬ ରୁ ୧୭.୦୨.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ବରଗଡ଼ | 31 | 31 | 31 | 32 | 31 | 32 | 33 | 15 | 15 | 16 | 16 | 17 | 17 | 17 | 0 | 0 | 0 | 0 | 0 | 0 | 0 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୮-୦୨-୨୦୨୬ | ୧୯-୦୨-୨୦୨୬ | ୨୦-୦୨-୨୦୨୬ | ୨୧-୦୨-୨୦୨୬ | ୨୨-୦୨-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 33 | 34 | 34 | 35 | 35 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 17 | 18 | 18 | 19 | 19 |
| ମେଘ ଆବରଣ(ଓକଟା) | 0 | 0 | 1 | 1 | 2 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 37 | 36 | 33 | 35 | 34 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 13 | 12 | 12 | 13 | 14 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 6 | 5 | 4 | 7 | 4 |
| ପବନର ଦିଗ (ଡିଗ୍ରୀ) | 58 | 42 | 55 | 51 | 48 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ଏହି ସମୟ ଅବଧିରେ ଆକାଶ ସଫା ରୁ ଆଂଶିକ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା କମ ରହିବା ସହିତ ୪ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ଆଗକୁ ବର୍ଷା ହେବାର ସମ୍ଭାବନା କମ ଥିବାରୁ ଚାଷୀଭାଇମାନଙ୍କୁ ଠିଆ ଫସଲ କ୍ଷେତରେ ଗୋଟିଏ ଜଳସେଚନ ଯୋଗାଇବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।
- ଫଳ ଏବଂ ପନିପରିବା ଫସଲରେ ଆବଶ୍ୟକତା ଅନୁସାରେ ପାଣି ଦିଅନ୍ତୁ କାରଣ ଅଧିକ ପାଣି ଦେବାରୁ ଫୁଲ ଅବସ୍ଥାରେ ଥିବା ଗଛଗୁଡ଼ିକରେ ଫୁଲ ଝଡ଼ିପାରେ ।
- ବର୍ତ୍ତମାନର ପାଗର ପରିସ୍ଥିତି ଗ୍ରୀଷ୍ମକାଳିନ ପନିପରିବା ଫସଲ ବୁଣା ପାଇଁ ଅନୁକୂଳ ଅଟେ ତେଣୁ ଚାଷୀମାନଙ୍କୁ ଯଥାଶୀଘ୍ର ଏହାର ବୁଣା କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଆଗାମୀ ତାପମାତ୍ରା ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ପଶୁପାଳନରେ ଥଣ୍ଡା ପାନୀୟ ଜଳ ଏବଂ ଉପଯୁକ୍ତ ବାୟୁଚଳନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଅଛି ।

### ସଂକ୍ଷିପ୍ତ ଉପଦେଶ

- ବର୍ତ୍ତମାନ ପାଗର ଯେଉଁ ସ୍ଥିତି ରହିଅଛି ତାହା ଛିଡ଼ା ଫସଲରେ ବିଭିନ୍ନ କୀଟପତଙ୍ଗ ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ରୋପଣ | • ଯେଉଁ ଚାଷୀଭାଇମାନେ ପୂର୍ବରୁ ରୋପଣ କାର୍ଯ୍ୟ ସମାପ୍ତ କରିସାରିଛନ୍ତି, ସେମାନେ ଚାରାରୋପଣର ୫ ରୁ ୮ ଦିନ ପରେ ଏକର ପ୍ରତି ୪ କିଲୋଗ୍ରାମ ଦାନାଦାର ଘାସମରା ଔଷଧ ବେନସଲଫ୍ୟୁରନ୍-ମିଥାଇଲ୍ + ପ୍ରେଟିଲାକ୍ଲୋର୍ ପ୍ରୟୋଗ କରନ୍ତୁ । ଏକର ପ୍ରତି ୪ କିଲୋଗ୍ରାମ ବାଲି ସହିତ ଏହି ଦାନାଦାର ଔଷଧକୁ ମିଶ୍ରଣ କରନ୍ତୁ ଏବଂ ଏହାକୁ କ୍ଷେତରେ ସମାନ ଭାବରେ ବିସ୍ତାର କରନ୍ତୁ କିମ୍ବା ରୋପଣର ୩ ରୁ ୫ ଦିନ ପରେ ୧୪୦ ଲିଟର ପାଣିରେ ୮୦ ଗ୍ରାମ/ଏକର ପାଇରାଜୋସଲଫ୍ୟୁରନ୍-ଇଥାଇଲ୍ ୧୦ ଡବ୍ଲୁ.ପି. କିମ୍ବା ୧୨୦ ମିଲି ବିସପିରିବ୍ୟାକ୍ ସୋଡିୟମ୍ କୁ ରୋପଣର ୧୦ ରୁ ୧୫ ଦିନ ପରେ କିମ୍ବା ୨ ରୁ ୩ ପତ୍ର ପର୍ଯ୍ୟାୟରେ ଏକର ପ୍ରତି ୧୪୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>• ହଳଦିଆ କାଣ୍ଡ ବିନ୍ଧା ପୋକଙ୍କ ନିରୀକ୍ଷଣ ପାଇଁ ଧାନ କ୍ଷେତରେ ଏକର ପ୍ରତି ୪ ରୁ ୫ ଟି ଫେରୋମୋନ୍ ଯନ୍ତା ଲଗାନ୍ତୁ । |
| ସୋରିଷ | ଅମଳ | • ସୋରିଷ ଫସଲରେ ଯେତେବେଳେ ଅଧିକାଂଶ ଫଳ (ପ୍ରାୟ ୭୫ ପ୍ରତିଶତ) ହଳଦିଆ ପଡ଼ିଯାଏ ଏବଂ ବିହନ ଟାଣ ହୋଇଯାଏ ସେତେବେଳେ ଫସଲକୁ ଅମଳ କରିନେବା ଉଚିତ । ଯେହେତୁ ଆଗକୁ ପାଗ ଶୁଷ୍କ ରହିବାର ସମ୍ଭାବନା ଅଛି ତେଣୁ ଚାଷୀମାନେ ପରିପକ୍ୱ ଫସଲର ଅମଳ କାର୍ଯ୍ୟ ଏହି ସମୟ ଅବଧିରେ କରିନିଅନ୍ତୁ । ପବନ କିମ୍ବା ଅଧିକ ଖରା ଯୋଗୁଁ ବିହନ ଭାଙ୍ଗିଯିବାର ସମ୍ଭାବନା ରହିଥାଏ ତେଣୁ ବିହନ ନଷ୍ଟ ହେବା ହ୍ରାସ କରିବା ପାଇଁ ସକାଳ ସମୟରେ ଗଛଗୁଡ଼ିକୁ କାଟି ଦିଅନ୍ତୁ ଏବଂ କଟା ଫସଲକୁ ଖଳାରେ ୭ ରୁ ୧୦ ଦିନ ପାଇଁ ଭଲ ଭାବରେ ଶୁଖିବା ପାଇଁ ଗଦା କରନ୍ତୁ । ଠିକ୍ ଭାବରେ ଶୁଖିବା ପରେ, ଗଛରୁ ବିହନ ଅଲଗା କରିବା ପାଇଁ ଶୁଖିଲା ଫସଲକୁ ଝାଡ଼ି ଦିଅନ୍ତୁ । |
| ଆମ୍ବ | ବଉଳ ଓ ଫଳ ବାହାରିବା ଅବସ୍ଥା | • ଫଳ ଆରମ୍ଭ ହେବା ପର୍ଯ୍ୟାୟରେ ଥିବା ଗଛଗୁଡିକରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖନ୍ତୁ ।<br>• ଏହି ପର୍ଯ୍ୟାୟରେ ଅଧିକ ପାଣି ଦେବାରୁ ବଞ୍ଚନ୍ତୁ କାରଣ ଏହା ଯୋଗୁଁ ଫୁଲ ଝଡ଼ିପାରେ କିମ୍ବା ଅତ୍ୟଧିକ ବନସ୍ପତି ବୃଦ୍ଧି ହୋଇପାରେ (ଫୁଲ ଫୁଟିବା ଜାଗାରେ ପତ୍ର ବାହାରିପାରେ)।<br>• ଗଛକୁ ହପର ପୋକର ଆକ୍ରମଣ ବିରୁଦ୍ଧରେ ନିରୀକ୍ଷଣ କରନ୍ତୁ ।<br>• ଆମ୍ବ ଗଛରେ କବକଜନିତ ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ 2 ଗ୍ରାମ୍ ସଲଫର୍ ଗୁଣ୍ଡକୁ ମିଶାଇ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ବିଲାତି ବାଇଗଣ (ଟମାଟର୍) | ଫୁଲ ଓ ଫଳ ଅବସ୍ଥା | • ଟମାଟୋ କ୍ଷେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖନ୍ତୁ।<br>• ଟମାଟୋ ଗଛରେ ଫଳ ବିନ୍ଧା ପୋକର ଆକ୍ରମଣ ନିରୀକ୍ଷଣ କରିବା ପାଇଁ ଫେରୋମୋନ ଟ୍ରାପ୍ ବା ଯନ୍ତା ବ୍ୟବହାର କରନ୍ତୁ ।<br>• ଯଦି ଆକ୍ରମଣ ଦେଖାଗଲାଣି, ତେବେ ଏହି କୀଟକୁ ନିୟନ୍ତ୍ରଣ କରିବା ପାଇଁ ଥିଆମିଥୋକ୍ସାମ ୧୨.୬% + ଲାମ୍ବଡା-ସାଇହାଲୋଥ୍ରିନ୍ ୯.୫% ଜେଡ.ସି @ ୦.୨-୦.୩ ମିଲି କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ଏସ.ସି @ ୦.୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି । |
| ଗୋରୁ ଗାଈ ଓ ମଇଷି | • ଆଗକୁ ତାପମାତ୍ରାର ସ୍ଥିତିକୁ ଧ୍ୟାନରେ ରଖି ପଶୁମାନଙ୍କୁ ଅଧିକ ଖରାରୁ ସୁରକ୍ଷା ଦେବା ପାଇଁ, ତାଜା, ଥଣ୍ଡା ପାଣି, ଛାୟାଯୁକ୍ତ ଏବଂ ଭଲ ବାୟୁଚଳପ୍ରଚଳ ସ୍ଥାନ ନିଶ୍ଚିତ କରନ୍ତୁ ।<br>• ପଶୁମାନଙ୍କୁ ପାଦ ଏବଂ ମୁହଁ ରୋଗ (ଏଫ୍.ଏମ୍.ଡି.), ଏଚ୍. ଏସ୍., ବି.କ୍ୟୁ. ଇତ୍ୟାଦି ରୋଗର ପ୍ରତିରୋଧୀ ଟୀକା ଦିଅନ୍ତୁ ଏବଂ ସଂକ୍ରମଣ ଏଡାଇବା ପାଇଁ ଗୁହାଳକୁ ସବୁବେଳେ ସଫା ଏବଂ ଶୁଖିଲା ରଖନ୍ତୁ । | |
| ଛେଳି | • ଛେଳିମାନଙ୍କୁ ଛେରା ରୋଗ ବିରୁଦ୍ଧରେ ପି.ପି.ଆର. ର ଟୀକା ନିଶ୍ଚୟ ଦିଅନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପର ବ୍ୟବହାର** କରିପାରିବେ।